# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**02nd December - 2024**

**News Editor : *Itishree Singh Rathuar***

**************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଗସ୍ତରେ ଆସନ୍ତାକାଲିଠାରୁ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

— ପୁରୀରେ ନୌସେନା ଦିବସ ସହ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

- ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କଦ୍ୱାରା ଆଗତ ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ଜାରି ରହିଛି ଆଲୋଚନା ।

- ଯୁବାସଙ୍ଗମ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କୁ ସାକ୍ଷାତ୍ କଲେ ମହାରାଷ୍ଟ୍ର ପ୍ରତିନିଧି ଦଳ; ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଦେବଦୀପାବଳିର ଅନ୍ତିମ ଦିବସରେ ଶ୍ରୀଜିଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି ।

***BBSR/R***

# ରାଷ୍ଟ୍ରପତି ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତି ଆସନ୍ତାକାଲି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ଜଣାପଡ଼ିଛି । ସେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ପ୍ରତିମୂର୍ତ୍ତିର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ । ଆସନ୍ତା ବୁଧବାର ୪ ତାରିଖ ଦିନ ରାଷ୍ଟ୍ରପତି ପୁରୀ ଗସ୍ତରେ ଯାଇ ଭାରତୀୟ ନୌସେନା ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାସହ ପୂର୍ବାହ୍ନରେ ଶ୍ରୀଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ଯୋଗଦେବେ । ପୁରୀ ଗସ୍ତ ଅବସରରେ ରାଷ୍ଟ୍ରପତି ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କୁ ଦର୍ଶନ କରିବେ । ୫ ତାରିଖ ଗୁରୁବାର ଦିନ ରାଷ୍ଟ୍ରପତି ଭୁବନେଶ୍ୱରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଅଭିଭାଷଣ ପ୍ରଦାନ କରିବେ । ସନ୍ଧ୍ୟାରେ ଭୁବନେଶ୍ୱରରେ ନୂତନ ଜୁଡ଼ିସିଆଲ୍ କୋର୍ଟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିବେ । ୬ ତାରିଖ ଶୁକ୍ରବାର ଦିନ ପୂର୍ବାହ୍ନରେ ରାଷ୍ଟ୍ରପତି ଭୁବନେଶ୍ୱର ଏ.ଜି. ଛକରେ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ମହାପରିନିର୍ବାଣ ଦିବସ ଅବସରରେ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ ।

*BBSR/R*

# ଅତିରିକ୍ତ ଖର୍ଚ୍ଚ ଦାବି

ବିଧାନସଭାରେ ଆଜି ଶୂନ୍ୟକାଳ ଶେଷ ହେବା ପରେ ୨୦୨୪-୨୫ ଆର୍ଥିକ ବର୍ଷର ଗୃହ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ଆଲୋଚନା ଜାରି ରହିଛି । ଆଲୋଚନା ଶେଷ ହେବାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ନିଜର ଉତ୍ତର ରଖିବେ । ଏହାପରେ ଚଳିତ ଆର୍ଥିକ ବର୍ଷପାଇଁ ଉଭୟ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବୀ ଗୃହୀତ ହେବ ବୋଲି ଜଣାପଡ଼ିଛି । ଖର୍ଚ୍ଚ ଦାବୀ ଆଲୋଚନା ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଆଲୋଚନା ହୋଇଛି । ବିରୋଧୀ ଦଳ ବିଧାୟକ ସାଇବର ଅପରାଧ ନିୟନ୍ତ୍ରଣ, ପୁଲିସ ଆଧୁନିକୀକରଣ ଏବଂ ଖାଲି ପଡ଼ିଥିବା ପଦବୀ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଶାସକ ଦଳର ବିଧାୟକମାନେ ରାଜ୍ୟରେ ଏକ ଉତ୍ତରଦାୟୀ ସରକାର ଚାଲିଛି, ଆଇନ ବ୍ୟବସ୍ଥା ଉପରେ ରାଜ୍ୟବାସୀଙ୍କ ବିଶ୍ୱାସ ଫେରାଇ ଆଣିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ।

ପୂର୍ବରୁ ମୁଖ୍ୟମନ୍ତ୍ରୀ ଅତିରିକ୍ତ ଖର୍ଚ୍ଚ ଦାବି ଅନୁମୋଦନ ପାଇଁ ଗୃହରେ ଉପସ୍ଥାପନ କରିଥିଲେ । ସେଥିମଧ୍ୟରେ ଗୃହ ବିଭାଗ ପ୍ରଶାସନିକ ବ୍ୟୟ ବାବଦରେ ୭୯୪ କୋଟି ୭୮ ଲକ୍ଷ ୯୧ ହଜାର ଟଙ୍କା, କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୪୩୫ କୋଟି ୮୮ ଲକ୍ଷ ୯୯ ହଜାର ଟଙ୍କା, ବିପର୍ଯ୍ୟୟ

ପରିଚାଳନା ପାଇଁ ୧୨୦ କୋଟି ୨୪ ଲକ୍ଷ ଟଙ୍କା ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପାଇଁ ୩୩ କୋଟି ୬୭ ଲକ୍ଷ ୪୪ ହଜାର ଟଙ୍କା ରହିଛି।

***Desk***

## ସାଇବର ଅପରାଧ

ରାଜ୍ୟରେ ସାଇବର ଅପରାଧ ଅଭିଯୋଗରେ ୧ ହଜାର ୩୮୮ ଜଣଙ୍କୁ ଗିରଫ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ତିନିବର୍ଷରେ ସାଇବର ଅପରାଧୀ ୧୨୫ କୋଟି ଟଙ୍କା ଠକି ନେଇଛନ୍ତି। ଏ ସଂକ୍ରାନ୍ତରେ ୬ ହଜାର ୩୬୮ଟି ମାମଲା ରୁଜୁ ହୋଇଛି। ତେବେ ଲୁଟ୍ ଅର୍ଥ ମଧ୍ୟରୁ ମାତ୍ର ୨ କୋଟି ୫୨ ଲକ୍ଷ ଟଙ୍କା ଫେରସ୍ତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତବର୍ଷ ସାଇବର ଠକେଇ ଅପରାଧରେ ୨ ହଜାର ୩୪୮ଟି ମାମଲା ରୁଜୁ ହୋଇଥିବାବେଳେ ୫୨୨ ଜଣଙ୍କୁ ଗିରଫ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

*Desk*

# ଅଶ୍ୱିନୀ ବୈଷ୍ଣବ-ରାଷ୍ଟ୍ରପତି

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀ ବୈଷ୍ଣବ ପ୍ରସ୍ତାବିତ ବାଙ୍ଗିରିପୋଷୀ-ଗୋରୁମହିଷାଳୀ, ବାଦାମପାହାଡ଼-କେନ୍ଦୁଝରଗଡ଼, ଗୁଡ଼ାମରା-ଚାକୁଳିଆ ରେଳଲାଇନ୍‌ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ କରିଛନ୍ତି । ଏହାସହ ଓଡ଼ିଶାରେ ଅନ୍ୟ ରେଳମାର୍ଗ ଓ ଭିତ୍ତିଭୂମିର ଅଗ୍ରଗତି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିବା ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

*BBSR/R*

# ଯୁବାସଙ୍ଗମ

ଭାରତ ଏକ ଯୁବରାଷ୍ଟ୍ର । ଯୁବଶକ୍ତି ହେଉଛି ଦେଶର ଶକ୍ତି ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି । ଭୁବନେଶ୍ୱର ରାଜଭବନର ଅଭିଷେକ ହଲ୍‌ରେ ଯୁବାସଙ୍ଗମ କାର୍ଯ୍ୟକ୍ରମରେ ଓଡ଼ିଶା ପରିଦର୍ଶନରେ ଆସିଥିବା ମହାରାଷ୍ଟ୍ରର ଯୁବ ପ୍ରତିନିଧି ଦଳକୁ ସମ୍ବୋଧିତ କରି ରାଜ୍ୟପାଳ କହିଛନ୍ତି,

ରାଜ୍ୟ-ରାଜ୍ୟ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଲେ ଭାବର ଆଦାନ ପ୍ରଦାନ ମଧ୍ୟ ଜାରି ରହିବ । ବିକଶିତ ଭାରତ ଗଠନରେ ଯୁବଗୋଷ୍ଠୀଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଶର ଯୁବଗୋଷ୍ଠୀଙ୍କୁ ବୈଶ୍ୱିକ ଆହ୍ୱାନର ମୁକାବିଲାପାଇଁ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି । ଯୁବାସଙ୍ଗମ କାର୍ଯ୍ୟକ୍ରମ ଯୁବଗୋଷ୍ଠୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିପାରିଛି ବୋଲି ରାଜ୍ୟପାଳ କହିଛନ୍ତି । ସୂଚନା ଅନୁସାରେ, ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ‘ଏକ ଭାରତ, ଶ୍ରେଷ୍ଠ ଭାରତ’ ଅଧୀନରେ ଯୁବାସଙ୍ଗମ କାର୍ଯ୍ୟକ୍ରମ ଚାଲିଛି । ଏଥିରେ ୫୦ରୁ ଊର୍ଦ୍ଧ୍ୱ ମହାରାଷ୍ଟ୍ରର ପ୍ରତିନିଧିଦଳ ଓଡ଼ିଶା ଭ୍ରମଣରେ ଆସି ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ ।

***HS***

# ଧାନଗବେଷଣା ଅନୁଷ୍ଠାନ

ରାଜ୍ୟରେ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ଶାଖା ଖୋଲିବା ନିମନ୍ତେ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଭୁବନେଶ୍ୱର କୃଷିଭବନ ସଭାଗୃହରେ ଆଜି ଆୟୋଜିତ ଏକ ବିଜ୍ଞାନଭିତ୍ତିକ ଆଲୋଚନାଚକ୍ରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କୋରାପୁଟ ଅଞ୍ଚଳର ଧାନର ବିଭିନ୍ନ ପାରମ୍ପରିକ ପ୍ରଜାତି ସମ୍ପର୍କରେ ବିବରଣୀ ଦେଇଥିଲେ । ଧାନ ଗବେଷଣା କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟା, ପୁଷ୍ଟିକର ଧାନ ପ୍ରଜାତିର ବିକାଶ ଏବଂ

ରପ୍ତାନୀଭିତ୍ତିକ ବଜାର ସୃଷ୍ଟି ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି ଆଲୋଚନାଚକ୍ରରେ ଫିଲିପାଇନ୍ସର ମାନିଲାସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ମହାନିର୍ଦ୍ଦେଶକ ଡକ୍ଟର ୟୋଭୋନ ପିଣ୍ଟୋ ଯୋଗଦେଇ ଧାନ ଗବେଷଣା କ୍ଷେତ୍ରରେ ନୂତନ ଦିଗ ଉପରେ ଆଲୋଚନା କରିଥିଲେ ।

*HS*

# ଯନ୍ତ୍ରୀ ପ୍ରଶିକ୍ଷଣ ଶିବିର

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ମିଳିତ ଭାବେ ଭୁବନେଶ୍ୱରରେ ଯନ୍ତ୍ରୀମାନଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରିଛନ୍ତି । ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀମାନେ ଅଂଶଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯନ୍ତ୍ରୀମାନେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, କୌଶଳ ଦକ୍ଷତା ହାସଲ ଏବଂ ନିର୍ମାଣର ସ୍ଥାୟିତ୍ୱ ଦିଗରେ କାର୍ଯ୍ୟ କରିପାରିବେ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

*Puri/R*

# ନୌସେନା ଦିବସ

ପୁରୀ ବେଳାଭୂମିରେ ପ୍ରଥମ ଥରପାଇଁ ଆସନ୍ତା ୪ ତାରିଖ ବୁଧବାର ଦିନ ଭାରତୀୟ ନୌସେନା ଦିବସ ପାଳନ କରାଯିବ । ଏଥିପାଇଁ ପୁରୀ ବ୍ଲୁ-ଫ୍ଲାଗ୍ ବେଳାଭୂମିରେ ନୌସେନାର ଫୁଲ୍‌ଡ୍ରେସ୍ ରିହରସାଲ୍ ଚାଲିଛି । ନୌସେନା ଦିବସ ପାଳନ ପାଇଁ ସମୁଦ୍ର ଭିତରେ ୧୫ରୁ ଊର୍ଦ୍ଧ୍ୱ ଯୁଦ୍ଧଜାହାଜ, ୪୦ରୁ ଊର୍ଦ୍ଧ୍ୱ ଯୁଦ୍ଧବିମାନ ସମରାଭ୍ୟାସ କରୁଛନ୍ତି। ଆଇଏନ୍‌ଏସ୍ ଜଳସ୍ୱ, ଦିଲ୍ଲୀ, ମହୀଶୂର, ମୁମ୍ବାଇ, ରଣବୀର, ଶକ୍ତି, ସାହ୍ୟାଦ୍ରି ଆଦି ଜାହାଜ ଏଥିରେ ସାମିଲ ଅଛନ୍ତି। ନୌସେନା ପକ୍ଷରୁ ୨୦ ପ୍ରକାରର ଯୁଦ୍ଧକୌଶଳ ପ୍ରଦର୍ଶନ କରାଯିବ। ଏଥିସହ ସ୍ୱତନ୍ତ୍ର ମାର୍କୋସ କମାଣ୍ଡୋ ବେଳାଭୂମିରେ ଅପରେସନ୍ କରିବେ। ନୌସେନାର ସମରାଭ୍ୟାସକୁ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ସୁରକ୍ଷା ଦୃଷ୍ଟିରୁ ପୁରୀ ବଡଦାଣ୍ଡ ସମେତ ସହରର ଅନ୍ୟ କେତେକ ସ୍ଥାନରେ ଗୁରୁବାର ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଛି।

*Puri/R*

# ଦେବଦୀପାବଳି ଉତ୍ସବ

ପୁରୀ ଶ୍ରୀମନ୍ଦିରରେ ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଦେବଦୀପାବଳୀ ଉତ୍ସବ ଆଜି ଶେଷହେବ। ଶନିବାର ଦିନ ବିଧି ଅନୁଯାୟୀ

ସତ୍ୟଯୁଗର ନିଜ ପିତୃପୁରୁଷ ଅଦିତି ଓ କଶ୍ୟପଙ୍କ ଉଦ୍ଦେଶ୍ୟରେ ଶ୍ରୀଜୀଉମାନେ ଦୀପଦାନ କରିଥିବାବେଳେ ଗତକାଲି ମାର୍ଗଶୀର ଅମାବାସ୍ୟା ତିଥିରେ ତ୍ରେତୟା ଯୁଗର ରାମ ଅବତାର ସମୟରେ ନିଜ ପିତାମାତା ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଛନ୍ତି। ଆଜି ଶ୍ରୀଜୀଉମାନେ ଶ୍ରାଦ୍ଧ ବେଶରେ ସଜ୍ଜିତ ହୋଇ ପରମ୍ପରା ଅନୁଯାୟୀ ସନ୍ଧ୍ୟାଧୂପ ନୀତି ପରେ ଶ୍ରାଦ୍ଧ ପ୍ରଦାନ କରିବେ। ଏ ନେଇ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଛି।

*Rayagada, Gajapati, Boudh , Nayagarh,*
*Bhadrak, Kalahandi/R*

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଲୋକମାନଙ୍କର ସମସ୍ୟାର ସମାଧାନ ନିମନ୍ତେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ରାୟଗଡ଼ ଜିଲ୍ଲାପାଳ ପାରୁଲ୍ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୮୨ଟି ଅଭିଯୋଗର ଶୁଣାଣି ହୋଇଛି ।

ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୭୦ଟି ଅଭିଯୋଗ ମଧ୍ୟରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ କାର୍ଯ୍ୟାଳୟରେ ୩୮ଟି ଅଭିଯୋଗ ମଧ୍ୟରୁ ୧୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୧୬୨ଟି ଅଭିଯୋଗ ମଧ୍ୟରୁ ୧୭ଟି ଅଭିଯୋଗର ସମାଧାନ କରାଯାଇଛି ।

ସେହିପରି ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୭୮ଟି ଅଭିଯୋଗର ଶୁଣାଣି ହୋଇଛି ।

କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୧୧୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୧୦ଟି ଅଭିଯୋଗର ସମାଧାନ କରାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିଛି । ସପ୍ତଦଶ ବିଧାନସଭାର ଦ୍ୱିତୀୟ ଅଧିବେଶନ ଚଳିତମାସ ୩୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାରୁ ଚଳିତ ମାସ ୯, ୧୬, ୨୩ ଓ ୩୦ ତାରିଖରେ ମଧ୍ୟ ଶୁଣାଣି ବନ୍ଦ ରହିବ ।

*****